# Launching of e-Panchayat Sabha Mobile App in the State of Odisha

The **e-Panchayat Sabha Mobile Application** is a supportive and complementary application to the digital workflow based e-Panchayat Sabha Web Application for meeting process at Gram Panchayat level. It facilitates strengthening of process of conduct of meetings at GP level which is designed & developed by NIC, Odisha State Centre, Bhubaneswar.

This mobile app was launched by Shri Pradip Kumar Amat, Hon'ble Minister, Forest, Environment and Climate Change, Panchayati Raj & Drinking Water and Information & Public Relations, Government of Odisha on 5th March, 2024 at Jayadev Bhawan, Bhubaneswar on the occasion of Panchayati Raj and Lokseva Divas.





The occasion was graced by Shri Ashok Chandra Panda, Hon'ble Minister, Science & Technology, Public Enterprises and Social Security & Empowerment of Persons with Disabilities, Smt. Sulochana Das, Mayor, Bhubaneswar

Municipal Corporation, Shri Sushil Kumar Lohani, IAS, Principal Secretary, Panchayati Raj & Drinking Water Department, Shri Sanjay Kumar Singh, IAS, Principal Secretary, Information & Public Relations Department, Dr. Ashok Kumar Hota, Dy. Director General & State Informatics Officer, NIC, Odisha State Centre and Senior Officers from different departments and NIC, OSC, Bhubaneswar.




Addressing on this occasion, Shri Sushil Kumar Lohani, IAS, Principal Secretary, Panchayati Raj & Drinking Water Department told that implementation of the mobile application in the Gram Panchyats of the state will enrich the GP in e-Governance perspective.

During the occasion, a video of 2.10 minutes was played in which the aim, objective and functionalities of e-Panchayat Sabha mobile application was shown.



**Dr. Ashok Kumar Hota, DDG & SIO with Team Members**

This app provides digital interface to different level of users for their role based work with minimum key strokes opting use mobile in place of computer systems as per their convenience to enhance the performance of the work assigned to achieve better governance.




**Functionalities:**

User-wise functionalities of the system are as follows:

**Panchayat Executive Officer:**

- Rescheduling of Meeting
- Updation of Meeting Status
- View Notice
- View MoM

**DEO/GRS/Assistant:**

- Uploading Attendance and Meeting Photo

**Sarapanch/PS Member/Ward Members/Other Members** :

- View Notice
- View MoM

**Features:**

The features of the Application are indicated below.

- **Authorised Access: The** application can only be accessed by the authorized users i.e. having valid userID and password.
- **Authenticated Access:** Can be authenticated through OTP sent to registered mobile.
- **Integration of Sandes**: Integrated with Sandes (Government Instant Messaging System) to receive OTP.
- Integration of **SMS.**
- **Geo-tagged** Meeting Photo uploading.
- **Instant** Meeting held status Updation.

# News Clips

## ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ପଞ୍ଚାୟତିରାଜ ଓ ଲୋକସେବା ଦିବସ

# ମାଟିର ମଣିଷ ସହ ବିଜୁବାବୁଙ୍କ ସମ୍ପର୍କ ଥିଲା ନିବିଡ଼: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୫।୩(ଭୁ.ପ୍ର): ଜାତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ଏ ମାଟି ଓ ମାଟିର ମଣିଷ ସହ ବିଜୁ ପଟ୍ଟନାୟକଙ୍କ ସମ୍ପର୍କ ଥିଲା ନିବିଡ଼ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୂଲ୍ୟରେ ଜୟଦେବ ଭବନଠାରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ପଞ୍ଚାୟତିରାଜ ଓ ଲୋକସେବା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ବିଜୁବାବୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଅନେକ ଐତିହାସିକ ପଦକ୍ଷେପ ନେଇଥିଲେ। ଖୁସିର କଥା ଆଜି ଗାଁରେ ରୂପାନ୍ତରଣ ଆସିଛି। ମିଶନ ଶକ୍ତି ମା'ମାନେ ଗାଁର ସାମାଜିକ-ଅର୍ଥନୈତିକ ଉନ୍ନତିରେ ଆଗୁଆ ଭୂମିକା ନେଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ମା'ମାନେ ୫୦ ପ୍ରତିଶତରୁ ଅଧିକ ସଂଖ୍ୟାରେ ବିଜୟ ଲାଭ କରି ଇତିହାସ ସୃଷ୍ଟି କରିଛନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ, ଓଡ଼ିଶା ପାଇଁ ବିଜୁ ବାବୁ ଯେଉଁ ବିକାଶର ନକ୍ସା ଆଙ୍କିଥିଲେ, ତାଙ୍କ ସୁପୁତ୍ର ଅନୁସରଣ କରୁଛନ୍ତି। ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ ଯେ, ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ଆଗାମୀ ୧୨ ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ବିଜୁବାବୁ ଚିରଦିନ ଓଡ଼ିଆବାସୀଙ୍କ ପଥପ୍ରଦର୍ଶକ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ପଞ୍ଚାୟତ ପ୍ରକଳ୍ପ ପରିଚାଳନା ବ୍ୟବସ୍ଥାର ସୁବନ୍ଦୋବସ୍ତ ପାଇଁ ଏକ ସଫ୍ଟୱେର, ଇ-ପଞ୍ଚାୟତ ସଭା ମୋବାଇଲ୍ ଆପ୍, ତାଲିମ ପରିଚାଳନା ପୋର୍ଟାଲ ଲୋକାର୍ପିତ ହୋଇଛି।

ବାଳସଭା ଓ ମହିଳାସଭା ସମ୍ପର୍କିତ ମାର୍ଗଦର୍ଶିକା ଉନ୍ମୋଚିତ ହୋଇଥିଲା। ୧୨ ଗୋଟି ପଞ୍ଚାୟତକୁ ଆଇଏସ୍ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମାଲକାନଗିରି, ଗଞ୍ଜାମ ଓ କୋରାପୁଟ ଜିଲା ପରିଷଦକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯାଇଥିଲା। ମାଲକାନଗିରି ଜିଲାର ପଡ଼ିଆ, ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ ଓ କୋରାପୁଟ ଜିଲାର ଲକ୍ଷ୍ମୀପୁର ପଞ୍ଚାୟତ ସମିତିକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯାଇଥିଲା। ସାମଗ୍ରିକ ପ୍ରଦର୍ଶନ ପାଇଁ ମାଲକାନଗିରି ଜିଲା ମାଥିଲି ବ୍ଲକର ମାଥିଲି ପଞ୍ଚାୟତକୁ ପ୍ରଥମ, ଗଞ୍ଜାମ ଜିଲା ଶେରଗଡ଼ ବ୍ଲକର ମହୁପଦର ପଞ୍ଚାୟତକୁ ଦ୍ୱିତୀୟ ଓ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ମାଣିତ୍ରୀ ପଞ୍ଚାୟତକୁ ତୃତୀୟ ଭାବେ ସମ୍ମାନିତ କରାଯାଇଥିଲା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିଥିବାରୁ ଖୋର୍ଦ୍ଧା ଜିଲାପାଳ, ମୁଖ୍ୟ ଜିଲା ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ୩ ଜଣ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**The Samaj dated 06.03.2024**

ସମ୍ବାଦ

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ତଥା ପଞ୍ଚାୟତିରାଜ ଓ ଲୋକସେବା ଦିବସ

# ବିଜୁବାବୁଙ୍କ ଆଦର୍ଶ ଆମକୁ ପ୍ରେରଣା ଦେଉଛି: ମୁଖ୍ୟମନ୍ତ୍ରୀ



**Sambad dated 06.03.2024**

# ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ

## ଏ ମାଟି ଓ ମାଟିର ମଣିଷ ସହ ବିଜୁବାବୁଙ୍କ ସଂପର୍କ ଥିଲା ନିବିଡ଼ : ମୁଖ୍ୟମନ୍ତ୍ରୀ



॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର,୫।୩

ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ଆଜି ଦିନଟିକୁ ଓଡ଼ିଶାବାସୀ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଭାବେ ପାଳନ କରୁଛନ୍ତି । ବିଜୁବାବୁ ଜଣେ ଦକ୍ଷ ପାଇଲଟ, ବଡ଼ ଶିଳ୍ପପତି ତଥା ଜଣେ ରାଷ୍ଟ୍ରନୀତିଜ୍ଞ ଭାବେ ସୁନାମ ଅର୍ଜନ କରିଥିଲେ । ଜାତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ଏ ମାଟି ଓ ମାଟିର ମଣିଷ ସହ ତାଙ୍କର ସଂପର୍କ ଥିଲା ନିବିଡ଼ । ତାଙ୍କ ସ୍ୱପ୍ନ ଥିଲା ଗାଁ ଓ ଗାଁର ଲୋକମାନେ ସଶକ୍ତ ହୁଅନ୍ତୁ । ଗାଁରେ ଭଲ ସ୍କୁଲ ହେଉ, ଡାକ୍ତରଖାନା ହେଉ । ସମସ୍ତଙ୍କ ପାଇଁ ଘର ଓ ପିଇବା ପାଣି ଏବଂ ଗାଁରେ ସହରର ସବୁ ସୁବିଧା ମିଳୁ ବୋଲି ବିଜୁବାବୁ ଚାହୁଁଥିଲେ । ■୫ପୃଷ୍ଠାରେ...

### ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରେରଣାର ସ୍ରୋତସ୍ୱିନୀ ଭାବେ ବିଜୁବାବୁ ଚିରଦିନ ଓଡ଼ିଆବାସୀଙ୍କ ପଥପ୍ରଦର୍ଶକ ହୋଇ ରହିବେ ବୋଲି ମତବ୍ୟକ୍ତ କରିଛନ୍ତି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ସୁଦୃଢ଼ ଓଡ଼ିଶା ନିର୍ମାଣ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପଞ୍ଚାୟତ ପ୍ରକଳ୍ପ ପରିଚାଳନା ବ୍ୟବସ୍ଥାର ସୁବନ୍ଦୋବସ୍ତ ପାଇଁ ଏକ ସଫ୍ଟୱେୟାର ଲୋକାର୍ପିତ ହୋଇଛି । ପ୍ରଥମ ଥର ପାଇଁ ଭୁବନେଶ୍ୱର ବ୍ଲକ୍‌ରେ ପରୀକ୍ଷାମୂଳକ ଭାବେ ଏହାର ବ୍ୟବହାର କରାଯିବ ଏବଂ ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବ । ଇ-ପଞ୍ଚାୟତ ସଭା ମୋବାଇଲ୍ ଆପ୍ ଲୋକାର୍ପଣ କରାଯାଇଛି । ଏହା ଦ୍ୱାରା ସମସ୍ତ ଗ୍ରାମପଞ୍ଚାୟତରେ ମାସିକ ପଞ୍ଚାୟତ ସଭା ଓ ସେ ସଂପର୍କିତ ବିବରଣୀ ହିତାଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବ ।

**Suryaprava dated 06.03.2024**